# ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

## ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଶିଶୁଙ୍କ ନାମ ଲେଖାଇଲେ ଅଭିଭାବକ

କୋଣାର୍କ,୪।୪(ସମିସ)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଗୋପ ବ୍ଲକ୍‌ର ଭୈରବ ନୋଡାଲ ୟୁପିଏସ୍ କ୍ଲଷ୍ଟର ଅନ୍ତର୍ଗତ ୧୨ଟି ପ୍ରାଥମିକ



ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରବେଶ ଉତ୍ସବର ପ୍ରଥମ ଦିବସରେ କ୍ଲଷ୍ଟର ଅନ୍ତର୍ଗତ ବିଦ୍ୟାଳୟଗୁଡ଼ିକରେ ଅଭିଭାବକମାନେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ୨୫ ଜଣ ଶିଶୁଙ୍କ ନାମ ଲେଖାଇଛନ୍ତି। ପ୍ରତି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି ଶିଶୁମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଶିଶୁମାନଙ୍କୁ ଆକର୍ଷିତ କରିବା ପାଇଁ ବିଦ୍ୟାଳୟ ପରିବେଶକୁ ସୁନ୍ଦର ଭାବରେ ସଜାଯାଇଥିଲା। ନାଚ, ଗୀତ, ଖେଳ ଓ ଗପ କହିବା କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଶିଶୁମାନଙ୍କ ମନୋରଞ୍ଜନ କରାଯିବା ସହିତ ଖଡ଼ିଛୁଆଁଇ ବିଦ୍ୟାରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆମ୍ବିଳିଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ପ୍ରବେଶ ଉତ୍ସବରେ ୯ ଜଣ ଶିଶୁ ନାମ ଲେଖାଇଛନ୍ତି। ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିରୂପେ ଶିକ୍ଷାବିତ୍ ଲକ୍ଷ୍ମୀଧର ମିଶ୍ର, ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତି, ୱାର୍ଡସଭ୍ୟ ବନମାଳି ସ୍ୱାଇଁ ଓ ସ୍କୁଲ ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ପଣ୍ଡା ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିବା ସହିତ ସରକାରୀ ସ୍କୁଲରେ ନାମ ଲେଖାଇବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ସହକାରୀ ଶିକ୍ଷକ ଯୋଗେନ୍ଦ୍ର ନାଥ ଦାସ, ଗୋବିନ୍ଦ ଚନ୍ଦ୍ର ଛାଟୋଇ ଓ ମୋନାଲିସା ପ୍ରଧାନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। କ୍ଲଷ୍ଟର ଅନ୍ତର୍ଗତ ରୁଦ୍ରାୟଣୀ ନୋଡାଲ ୟୁପିଏସ୍, ଭୈରବ ଏନ୍‌ୟୁପିଏସ୍, ସିମିଳି ପିୟୁପିଏସ୍, ମାଟିଆପଡ଼ା ଏନ୍‌ୟୁପିଏସ୍, ଶିରିପୁର ପିୟୁପିଏସ୍, ନୂଆଗାଁ ପିଏସ୍, କୁନଙ୍ଗ ପିପିଏସ୍, ପାଇକେରାପୁର ପିଏସ୍, ଖରାଗାଁ ପିଏସ୍, ବନାଖଣ୍ଡି ପିଏସ୍ ଓ ବାହାରଣା ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ସାକ୍ଷୀଗୋପାଳ:** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାର



ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ "ପ୍ରବେଶ ଉତ୍ସବ' ଏବଂ "ଖଡ଼ିଛୁଆଁ' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱନାଥପୁର ପଞ୍ଚାୟତ ସମିତିସଭ୍ୟ ଜଗନ୍ନାଥ ଷଡ଼ଙ୍ଗୀ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବି ନାରାୟଣ ମହାପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ନବକଳିକାମାନଙ୍କୁ ବିଧିବଦ୍ଧ ଭାବେ ଖଡ଼ିଛୁଆଁଇ ଅକ୍ଷର ଶିକ୍ଷାର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି ଏହି ସମଗ୍ର କାର୍ଯ୍ୟକ୍ରମକୁ ସହ ପରିଚାଳନା କରିଥିଲେ।

**ନିମାପଡ଼ା:** ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ପାଳସୁଧା ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମିଟେଇପୁର ପଞ୍ଚାୟତ ସରପଞ୍ଚ ପବିତ୍ର ମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରୀ ବିଦ୍ୟାଳୟଗୁଡ଼ିକରେ ମିଳୁଥିବା ସୁବିଧାସୁଯୋଗ ଆଲୋକପାତ କରିଥିଲେ। ପିଲାମାନଙ୍କୁ ବେସରକାରୀ ବିଦ୍ୟାଳୟରେ ପାଠ ନ ପଢ଼ାଇ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରେ ଶିଶୁ ବାଟିକା ଶ୍ରେଣୀରେ ଚଳିତ ବର୍ଷ ନାମ ଲେଖାଇବାକୁ ଥିବା ପିଲାମାନଙ୍କୁ ମାଗଣା କିଟ୍ ବଣ୍ଟନ କରାଯାଇଥିଲା। ଏହି ଉତ୍ସବରେ ପ୍ରାୟ ୨୦ ଜଣ ଛାତ୍ରଛାତ୍ରୀଙ୍କୁ କିଟ୍ ପ୍ରଦାନ କରାଯାଇଥିଲା। ଆୟୋଜିତ ସଭାରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସୁଦର୍ଶନ ଭୋଇ ଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଶିକ୍ଷା ସଚେତନତା ରଥର ଉଦ୍‌ଘାଟନ କରାଯାଇଥିଲା। ଏହି ଉତ୍ସବରେ ସରକାରୀ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ପୁଷ୍ପମିତ୍ରା ମିଶ୍ର, ଗୀତାଞ୍ଜଳି ନାୟକ, ଅଭୟ ବେହେରା ପ୍ରମୁଖ ଯୋଗଦେଇ ସମାଜ ଗଠନରେ ଶିକ୍ଷାର ଆବଶ୍ୟକତା ଉପରେ ମତାମତ ରଖିଥିଲେ। ପ୍ରଧାନଶିକ୍ଷକ ରାଜେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ପରିଚାଳନା କମିଟିର ସଭାପତି ଅକ୍ଷୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।

**ଗୋପ:** ଗୋପ ଶିକ୍ଷା ବିଭାଗ ଅଧୀନରେ ଥିବା ୩୧ଟି ଗ୍ରାମ ପଞ୍ଚାୟତର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ବିଦ୍ୟାର୍ଥୀମାନଙ୍କ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋପ ବ୍ଲକ୍‌ରେ ଥିବା ୨୦ଟି କ୍ଲଷ୍ଟରର ଶିଶୁବାଟିକାରେ ମୋଟ୍ ୩୫୪ ଜଣ ନାମ ଲେଖାଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୯୧ ଜଣ ନାମ ଲେଖାଇଥିବା ଜଣାପଡ଼ିଛି। ମୋଟ୍ ୫୪୫ ଜଣ ନାମ ଲେଖାଇଥିବା ବ୍ଲକ୍ ଶିକ୍ଷାଧିକାରୀ ଅମିତା ସେନାପତି ସୂଚନା ଦେଇଛନ୍ତି। ଅପରପକ୍ଷେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ଲାଗି ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାବେଳେ କେବଳ ଏହା କାଗଜପତ୍ରରେ ଚାଲୁଥିବା ଅଭିଯୋଗ ହୋଇଛି। ଶନିବାର ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ଖଡ଼ିଛୁଆଁ ଉତ୍ସବ ଗୋପ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବାବେଳେ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲ୍‌ଦାର ସତ୍ୟଜିତ୍ ନାୟକ, ବ୍ଲକ୍ ଚେୟାରମ୍ୟାନ୍ ଝୁନୁ ମଲ୍ଲିକ୍ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

**କଣାସ:** ନୂତନ ଶିକ୍ଷାବର୍ଷ ୨୦୨୬-୨୭ ପ୍ରାରମ୍ଭରେ ପ୍ରବେଶ ଉତ୍ସବ ତଥା ନୂତନ ରୂପେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଯୋଗ ଦେଉଥିବା ଛାତ୍ରଛାତ୍ରୀମାନଙ୍କର ଖଡ଼ିଛୁଆଁ କାର୍ଯ୍ୟକ୍ରମ କଣାସ ବ୍ଲକ୍‌ର ସମସ୍ତ ବିଦ୍ୟାଳୟରେ ଶନିବାର ଆରମ୍ଭ ହୋଇଛି। ଏହି ଅବସରରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ସ୍ଥାନୀୟ ଶିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି



ରୂପେ କଣାସ ବ୍ଲକ୍ ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ମୁଖ୍ୟବକ୍ତା ରୂପେ ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଦସ୍ୟା ଲତାମଣି ଜଗଦ୍ଦେବ, ସିରେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଦେବବ୍ରତ ପରିଡ଼ା, ସମିତିସଭ୍ୟା ମଧୁସ୍ମିତା ମାର୍ଥା, ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ କୁମାର ବେହେରା ଓ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ପେଣ୍ଠୋଇ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ଅଭିମୁଖୀ ଉଦ୍ଦେଶ୍ୟରେ ଜନସଚେତନତା ପାଇଁ ଅତିଥିମାନେ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୂପତି ଭୂଷଣ ତ୍ରିପାଠୀ, ସନ୍ତୋଷ ବେହେରା, ସସ୍ମିତା ଜାଲି, ସତ୍ୟପ୍ରିୟ ମଙ୍ଗରାଜ, ଶ୍ରୀନିବାସ ମାର୍ଥା, ଶିକ୍ଷକ ବୈକୁଣ୍ଠ ନାଥ କୋଦମାସିଂହ, ଦାମୋଦର ସୁନ୍ଦରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୧ ବେଆଇନ ଗ୍ୟାସ୍ ସିଲିଣ୍ଡର ଜବତ

ଗୋପ,୪।୪(ସମିସ): ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଗ୍ୟାସ୍‌ର ବ୍ୟାପକ ଅଭାବ ଦେଖାଦେଇଥିବା ବେଳେ ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନରେ ବ୍ୟାପକ ଘରୋଇ ସିଲିଣ୍ଡର ଗଚ୍ଛିତ ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଗୋପ ଯୋଗାଣ ଅଧିକାରୀ ରଚିତା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋପ ବଜାରରେ ଥିବା ବିଭିନ୍ନ ହୋଟେଲରେ ଚଢ଼ଉ କରିଥିବାବେଳେ ୧୧ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଥିବା ଜଣାପଡ଼ିଛି। ହୋଟେଲମାନଙ୍କରେ ବେଆଇନ ଭାବେ ଗ୍ୟାସ୍ ସିଲିଣ୍ଡର ଗଚ୍ଛିତ ରହିଥିବାବେଳେ ଏହାକୁ ଅଧିକାରୀମାନେ ଜବତ କରିଥିବା ସୂଚନା ମିଳିଛି।

## ଅସ୍ତରଙ୍ଗ ବ୍ଲକ୍ କଂଗ୍ରେସ ସଭାପତି ପ୍ରତାପ ଓ ପୁରୀ ଜିଲ୍ଲା ଉପସଭାପତି ବିକାଶ

ଅସ୍ତରଙ୍ଗ,୪।୪(ସମିସ): ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଅନୁମୋଦନ କ୍ରମେ ପୁରୀ ଜିଲ୍ଲା ଅନ୍ତର୍ଗତ ସମସ୍ତ ବ୍ଲକ୍ ଓ ସହର କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଉପସଭାପତି ଭାବରେ ଯୁବ ନେତା ବିକାଶ ବାରିକ ଏବଂ ଅସ୍ତରଙ୍ଗ ବ୍ଲକ୍ କଂଗ୍ରେସ ସଭାପତି ଭାବେ ଯୁବନେତା ପ୍ରତାପ ଖୁଣ୍ଟିଆଙ୍କ ନାମ ଘୋଷଣା କରାଯାଇଛି। ତୃଣମୂଳସ୍ତରରୁ କଂଗ୍ରେସ ରାଜନୀତିରେ ସକ୍ରିୟ ଭାବେ ଯୋଗଦେଇ ଅସ୍ତରଙ୍ଗ ବ୍ଲକ୍ କଂଗ୍ରେସକୁ ସୁଦୃଢ଼ କରିବାରେ ଉଭୟଙ୍କ ଭୂମିକା ଦଳୀୟ ନେତୃତ୍ୱଙ୍କ ଦୃଷ୍ଟିକୁ ଆସିଥିଲା। ଶ୍ରୀ ଖୁଣ୍ଟିଆ ବିଗତ ଦିନରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ପ୍ରତାପଙ୍କ ଧର୍ମପତ୍ନୀ ମଞ୍ଜୁଲତା ଖୁଣ୍ଟିଆ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସେ ସର୍ବ ଭାରତୀୟ କଂଗ୍ରେସ ଦଳ ଅଧ୍ୟକ୍ଷ ମାଲିକାର୍ଜ୍ଜୁନ ଖଡ୍‌ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ରାଜ୍ୟ ସଭାପତି ଭକ୍ତ ଚରଣ ଦାସ, ପୁରୀ ଜିଲ୍ଲା କଂଗ୍ରେସ ସଭାପତି ରାଜେଶ ମିଶ୍ର, କାକଟପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ, ପ୍ରାକ୍ତନ ଅସ୍ତରଙ୍ଗ ବ୍ଲକ୍ କଂଗ୍ରେସ ସଭାପତି ବାଉରୀବନ୍ଧୁ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସରକାରୀ ଜମି ଉଚ୍ଛେଦରେ ପାତରଅନ୍ତରକୁ ନେଇ ଉତ୍ତେଜନା

କଣାସ,୪।୪(ସମିସ): କଣାସ ବ୍ଲକ୍ ଗଡ଼ସାନପୁଟ ଗ୍ରାମ ପଞ୍ଚାୟତର ଗଡ଼ସାନପୁଟ ଗ୍ରାମରେ କେତେକ ସରକାରୀ ଜମିକୁ ନେଇ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ କେତେକ ପ୍ରଭାବଶାଳୀ ବ୍ୟକ୍ତି ବାସଗୃହ ନିର୍ମାଣ କରିଥିବାବେଳେ ଅନେକ ସରକାରୀ ଜମି ଅକ୍ତିଆରରେ ରଖିଛନ୍ତି। କିଛିଦିନ ତଳେ କଣାସ ତହସିଲ୍‌ଦାର ସରକାରୀ ଜମିରେ ବାସଗୃହ ତିଆରି କରିଥିବା ବ୍ୟକ୍ତିମାନଙ୍କୁ ଘର ଭାଙ୍ଗିବା ପାଇଁ ନୋଟିସ୍ ଦେଇଥିବାବେଳେ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ସରକାରୀ ଜମି ଛାଡ଼ିବା ପାଇଁ ନୋଟିସ୍ କରି ନ ଥିଲେ। ସେଥିପାଇଁ ଗ୍ରାମବାସୀମାନେ ବୈଠକ କରି ତହସିଲ୍‌ଦାରଙ୍କୁ ଭେଟି ସମସ୍ତ ସରକାରୀ ଜାଗା ଉଚ୍ଛେଦ କରାଯାଉ ବୋଲି ଦାବିପତ୍ର ଦେଇଥିଲେ। ଦୁଇ ଦିନ ତଳେ ପୁନଶ୍ଚ ଆଗରୁ ନୋଟିସ୍ ଦିଆଯାଇଥିବା ବ୍ୟକ୍ତିମାନଙ୍କୁ ସରକାରୀ ଜମି ଛାଡ଼ିବା ପାଇଁ ନୋଟିସ ହେବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶୁକ୍ରବାର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବରାଜଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇ ସମସ୍ତ ବ୍ୟକ୍ତିଙ୍କୁ ସରକାରୀ ଜମି ଛାଡ଼ିବା ପାଇଁ ନୋଟିସ କରାଯାଉ। ଏଥିରେ ପାତରଅନ୍ତର ହୋଇଥିବାରୁ ଗ୍ରାମରେ ଉତ୍ତେଜନ ପ୍ରକାଶ ପାଇବା ସହିତ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିବା ଜଣାପଡ଼ିଛି।

## ବଉଲାଙ୍ଗ ପଞ୍ଚାୟତରେ ୧୫ ନଳକୂଅ ଅଚଳ

ନୟାହାଟ,୪।୪(ସମିସ): ଖରା ଦିନରେ ପିଇବା ପାଣି ଲୋକମାନଙ୍କୁ ଯୋଗେଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନଳକୂଅ ନିର୍ମାଣ କରାଯାଉଛି। ପାଇପ୍ ଦ୍ୱାରା ପିଇବା ପାଣି ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଥିବାବେଳେ ପୁରୀ ଜିଲ୍ଲା ବଉଲାଙ୍ଗ ପଞ୍ଚାୟତରେ ପିଇବା ପାଣିର ଅଭାବ ଦେଖାଦେଇଛି। ଏହି ପଞ୍ଚାୟତର କୋରୁଆଳ, ପାଞ୍ଚଣା, ଭୀମାପଡ଼ା, ବରୀମୁଣ୍ଡ, ବଉଲାଙ୍ଗ, ପୋଦନା, ସୁଆର ଆଦି ଗ୍ରାମରେ ୧୫ ନଳକୂଅ ଅଚଳ ହେବା ସମ୍ପର୍କରେ ବଉଲାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ କମଳକାନ୍ତ କୁଅଁର ପ୍ରକାଶ କରିଛନ୍ତି। ଯାହା ଫଳରେ ଲୋକମାନେ ପିଇବା ପାଣି ପାଇଁ ଡହଳବିକଳ ହେଉଥିବାବେଳେ ପଞ୍ଚାୟତ ପକ୍ଷରୁ ସରପଞ୍ଚ ନଳକୂଅ ମରାମତି କରାଯାଉ ନ ଥିବା ପୂର୍ବତନ ସରପଞ୍ଚ ଶ୍ରୀ କୁଅଁର ଅଭିଯୋଗ କରିଛନ୍ତି। ସେହିପରି ପଲ୍ଲି ଛକ ନିକଟରେ ଥିବା ବସୁଧା ପାଣି ଟାଙ୍କିରୁ ବେଳେବେଳେ ପାଣି ବାହାରୁଛି। ଅନେକ ସମୟରେ ପାଣି ବାହାରୁ ନ ଥିବା ସମ୍ପର୍କରେ ପଲ୍ଲି ଛକର ବ୍ୟବସାୟୀ ପୁନା ଶେନ୍ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ପଲ୍ଲି ଛକରେ ଶହେରୁ ଊର୍ଦ୍ଧ୍ୱ ଦୋକାନୀ ଓ ବାଟୋଇ ଖରା ଦିନରେ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି। ନଳକୂଅ



### ପିଇବା ପାଣି ପାଇଁ ଲୋକେ ହନ୍ତସନ୍ତ

ସଜାଡ଼ିବା ପାଇଁ ଭ୍ରାମ୍ୟମାଣ ଗାଡ଼ି ବୁଲୁଥିବାବେଳେ କ'ଣ ପାଇଁ ଅଚଳ ନଳକୂଅ ମରାମତି କରାଯାଉନାହିଁ ସ୍ଥାନୀୟ ଲୋକେ ସରପଞ୍ଚଙ୍କୁ ଦୋଷାରୋପ କରିଛନ୍ତି। ଏ ସମ୍ପର୍କରେ ବଉଲାଙ୍ଗ ସରପଞ୍ଚ ନରହରି ଦଳାଇଙ୍କୁ ବାରମ୍ବାର ଯୋଗାଯୋଗ କଲେ ସୁଦ୍ଧା ଫୋନ୍ ନ ଉଠାଇବାରୁ ତାଙ୍କ ମତାମତ ନିଆଯାଇପାରି ନାହିଁ।

## ବକୁଳ ବନ ମହୋତ୍ସବ କମିଟି ପକ୍ଷରୁ ବସ୍ତ୍ର ଓ ପାଠ୍ୟୋପକରଣ ବଣ୍ଟନ



ସାକ୍ଷୀଗୋପାଳ,୪।୪(ସମିସ): ବକୁଳ ବନ ମହୋତ୍ସବ, ସତ୍ୟବାଦୀ କମିଟି ପକ୍ଷରୁ ଅଳଗୁମ ପଞ୍ଚାୟତର ଦନେଇବାଙ୍କ ନିକଟସ୍ଥ ଏକ ମଣ୍ଡପରେ ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିମାନଙ୍କୁ ବସ୍ତ୍ର ଓ ପାଠ୍ୟ ଉପକରଣ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଚ୍ଚିକାନ୍ତ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପେଣ୍ଠପଡ଼ା ପଞ୍ଚାୟତ ସରପଞ୍ଚ ଚିନ୍ମୟ ରାଉତ, ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ, ପୂର୍ବତନ ପ୍ରଧାନଶିକ୍ଷକ ଡ. ଯୋଗେନ୍ଦ୍ର ନାୟକ, ପୂର୍ବତନ ସରପଞ୍ଚ ଦୀନକୃଷ୍ଣ ପ୍ରଧାନ, ଅଳଗୁମ ମଣ୍ଡଳ ଯୁବ ସଭାପତି ଶିବ ପ୍ରସାଦ ରାଉତ, ସମିତିସଭ୍ୟା ପୁଷ୍ପାଞ୍ଜଳି ବିଶ୍ୱାଳ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ସତ୍ୟବାଦୀ ବନ ବିଦ୍ୟାଳୟ ମଣିଷ ତିଆରି କାରଖାନା ପ୍ରତିଷ୍ଠା କରି ଉତ୍କଳମଣି ସମାଜକୁ ଭଲ ମଣିଷ ହେବା ଓ ସେବା ସମର୍ପଣ ପାଇଁ ପ୍ରେରଣା ଦେବା ସହ ସବୁଦିନ ସ୍ମରଣୀୟ ହୋଇ ରହିବେ ବୋଲି ଆଲୋଚନା ହୋଇଥିଲା। କବି ସଚ୍ଚିକାନ୍ତ ବିଶ୍ୱାଳଙ୍କ ଦ୍ୱାରା ଲିଖିତ ଶ୍ରଦ୍ଧାଞ୍ଜଳି ପୁସ୍ତିକା ଉନ୍ମୋଚନ କରିଥିଲେ ଅତିଥିମାନେ। ୧୦୦ରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା, ଛାତ୍ରଛାତ୍ରୀଙ୍କୁ ବସ୍ତ୍ର, ବହି, କଲମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସମ୍ପାଦକ ଯଯାତି କେଶରୀ ରାୟ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଧିରନ ବିଶ୍ୱାଳ ଓ ଧନେଶ୍ୱର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନିମାପଡ଼ା ବ୍ଲକ୍ କଂଗ୍ରେସ ସଭାପତି ହେଲେ କାଳନ୍ଦୀ

ଚାରିଛକ,୪।୪(ସମିସ): ନିମାପଡ଼ା ବ୍ଲକ୍‌ରେ କଂଗ୍ରେସ ଦଳକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନୂତନ ସଂଗଠନାତ୍ମକ ପଦକ୍ଷେପ ଗ୍ରହଣ କରି ଓଡ଼ିଶା ରାଜ୍ୟ କଂଗ୍ରେସ କମିଟି ତରଫରୁ ବିଧିବଦ୍ଧ ଭାବେ କାଳନ୍ଦୀ ଚରଣ ବାରିକଙ୍କୁ ନିମାପଡ଼ା



ବ୍ଲକ୍ କଂଗ୍ରେସ ସଭାପତି ଭାବେ ଘୋଷଣା କରାଯାଇଛି। ଶ୍ରୀ ବାରିକ ଦୀର୍ଘ ଦିନ ହେବ କଂଗ୍ରେସ ଦଳ ସହିତ ରହି କାର୍ଯ୍ୟକରି ଆସୁଛନ୍ତି। ନୂତନ ସଭାପତିଙ୍କ ନିଯୁକ୍ତି ପରେ ନିମାପଡ଼ାରେ ଦଳ ଅଧିକ ଗତିଶୀଳ ହେବା ସହିତ ସମସ୍ତ କର୍ମୀଙ୍କୁ ସାଙ୍ଗରେ ନେଇ ନିମାପଡ଼ାରେ କଂଗ୍ରେସ ଦଳ କିପରି ଆଗକୁ ଯିବ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବେ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି।

## ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ



ଚାରିଛକ,୪।୪(ସମିସ): ଚାରିଛକ ଅଞ୍ଚଳରେ ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନରେ ପ୍ରବେଶ ଉତ୍ସବ ପାଳନ ହେଉଥିବାବେଳେ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା ସଭାପତିତ୍ୱରେ ପ୍ରବେଶ ଉତ୍ସବ ପାଳନ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦ୍ୟନାଥ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅରୁଣ କୁମାର ସ୍ୱାଇଁ, ମୁଖ୍ୟବକ୍ତା ନୀଳମଣି ସ୍ମୃତି ବିଦ୍ୟାପୀଠ ବାହାରଣାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ମିଶ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ କର, ଭୋଦର କ୍ଲଷ୍ଟର ସିଆର୍‌ସିସି ମଧୁସୂଦନ ପଟ୍ଟନାୟକ, ପରିଚାଳନା କମିଟିର ସଦସ୍ୟ ରାମଚନ୍ଦ୍ର ଜେନା, ଇନ୍ଦ୍ରମଣି ସାହୁ, ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରବେଶ ଉତ୍ସବ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ଉତ୍ସବରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ବନ୍ଦାପନା କରି ଗୋଲାପ ଫୁଲ ଓ ଚକୋଲେଟ୍, ପେନ୍ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ନୂତନ ଶିକ୍ଷାର୍ଥୀମାନେ କିଭଳି ନୂତନ ଶ୍ରେଣୀରେ ଭଲ ଗୁଣାତ୍ମକ ଶିକ୍ଷା ଲାଭ କରିବା ସହିତ ଅନୁଷ୍ଠାନର ନାମ ରଖିବେ ଏହି ସଭାରେ ଅତିଥିମାନେ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷୟିତ୍ରୀ ପ୍ରତୀକ୍ଷା ସାମଲ, ପ୍ରଣତି ବେହେରା, ଅଦ୍ୟାସା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ସସ୍ମିତା ପ୍ରଧାନ, ଶିକ୍ଷକ ବାବାଜୀ ଚରଣ ସେନାପତି, ବିଭୁ ପ୍ରସନ୍ନ ଦାସ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲଙ୍କ ସମେତ ସମସ୍ତ କର୍ମଚାରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଯୋଗଦେଇ ସହଯୋଗ କରିଥିଲେ।

## ନିମାପଡ଼ା ଥାନାରେ ଗୋଧନ ବାହୁଡ଼ା ପର୍ବ

ନିମାପଡ଼ା,୪।୪(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ନିମାପଡ଼ା ଥାନାରେ ଗୋଧନ ବାହୁଡ଼ା ପର୍ବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପର୍ବ ପାଳନ ହେଉଥିବାବେଳେ ଉକ୍ତ ପୂଜାରେ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ଜନସାଧାରଣ ଯୋଗଦେଇଥିଲେ। ନିମାପଡ଼ା ତା'ର ପରିଚୟ ପାଇବା ଦିନଠାରୁ ଏହି ପର୍ବ



ଅନୁଷ୍ଠିତ ହୋଇଆସୁଛି ବୋଲି ଲୋକକଥା ରହିଛି। ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ରାସଚାଢ଼ି ମଠରେ ୫ଦିନ ଧରି ରାସ ଅନୁଷ୍ଠିତ ହୋଇଥିବାବେଳେ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ଅଣାଯାଇ ଗୋଧନ ବାହୁଡ଼ା ପଡ଼ିଆରେ ବିଜେ କରାଯାଏ। ସେହିପରି ବିଭିନ୍ନ ସ୍ଥାନରୁ ଠାକୁରମାନେ ଆସି ଏହି ଗୋଧନ ବାହୁଡ଼ା ପର୍ବରେ ବିଜେ କରିଥା'ନ୍ତି। ପୁରୋହିତମାନଙ୍କ ଦ୍ୱାରା ପୂଜାମନ୍ତ୍ର ଉଚ୍ଚାରଣ କରିବା ସହ ନିରାଡ଼ମ୍ବର ସହକାରେ ଗୋଧନ ବାହୁଡ଼ା ମେଳଣ ଥାନା ସମ୍ମୁଖରେ ଅନୁଷ୍ଠିତ ହୋଇଥାଏ। ଏହି ଦିବସରେ ଥାନା ସମ୍ମୁଖରେ ଗିରି ଗୋବର୍ଦ୍ଧନଙ୍କ ମନ୍ଦିରରେ ପୂଜା ହୋମ ଅନୁଷ୍ଠିତ କରାଯାଇଥାଏ। ଥାନାର ସମସ୍ତ କର୍ମଚାରୀ ଏହି ପୂଜା କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ସାମାଜିକ ଅନୁଷ୍ଠାନର ଅନେକ କର୍ମଚାରୀ ମଧ୍ୟ କାର୍ଯ୍ୟରେ ସହଯୋଗ କରୁଥିବା ଦେଖିବାକୁ ମିଳିଛି।

## ରଙ୍ଗତୋଟାରେ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନୟାହାଟ,୪।୪(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ରଙ୍ଗତୋଟା ଗ୍ରାମରେ ହବିବ୍ କ୍ରିକେଟ୍ କ୍ଲବ୍ ପକ୍ଷରୁ ୧୦ମ ବାର୍ଷିକ ଉତ୍ସବ ଶନିବାର ରାତି ୯.୩୦ରେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଓ ସମାଜସେବୀ ଅଭିମନ୍ୟୁ ସିଂହ ଫିତା କାଟି ଉଦ୍‌ଘାଟନ କରିଥିଲେ। ଶ୍ରୀ ସିଂହ କହିଥିଲେ ଖେଳ ଦ୍ୱାରା ଭାଇଚାରା ସୃଷ୍ଟି ହୋଇଥାଏ ଓ ଶରୀର ସୁସ୍ଥ ରହିଥାଏ। ୪ ଓ ୫ ଦୁଇ ଦିନ ଧରି ଏଠାରେ ଖେଳ ଅନୁଷ୍ଠିତ ହେବ ଏଥିରେ ୧୨ଟି ଦଳ ଅଂଗ୍ରହଣ କରିବେ ଏବଂ ୮ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯିବ। ମଞ୍ଚାସୀନ ଅତିଥି ଭାବେ ନାଏବ ସରପଞ୍ଚ ଅଶୋକ ସାହୁ, ଧୂମାଳ ପଞ୍ଚାୟତର ସଭାପତି ଦିଲ୍ଲୀପ ରାୟ, ସମ୍ ସୁଲ୍ ଅର୍ଫିନ, ରଙ୍ଗତୋଟା ଗ୍ରାମ ସଭାପତି ଗୋଲାମ ମୁସ୍ତଫା, ଶେଖ୍ ସିକନ୍, ସେକ୍ ବେଲାଲ ଉପସ୍ଥିତ ଥିଲେ।

## ଘୋରଡ଼ିଆ ଦୟଣା ଚୋରି ମେଳଣ

# ପୁଲିସ ସହାୟତାରେ ପହଞ୍ଚିଲା ପ୍ରଜ୍ଞାପନ ମେଢ଼

ଡେଲାଙ୍ଗ,୪।୪(ସମିସ)

ଘୋରଡ଼ିଆର ପ୍ରସିଦ୍ଧ ଦୟଣା ଚୋରି ଯାତ୍ରାର ଜମାଣ ଉତ୍ସବ ବୁଧବାର ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଘଣ୍ଟ, ଘଣ୍ଟି, ଶଙ୍ଖ, ମୃଦଙ୍ଗ, ଘୋଡ଼ାନାଚ, ତଗା, ନାଗା, କୁଞ୍ଜ, ପ୍ରଜ୍ଞାପନ ମେଢ଼, ବିଭିନ୍ନ ଶୋଭାଯାତ୍ରା ସହିତ ବିରାଟ ପଟୁଆରରେ ଗ୍ରାମର ଆରାଧ୍ୟ ରାଧାମୋହନ ଓ ରାଧାକାନ୍ତ ଦେବ କୁଞ୍ଜ ବିମାନରେ ବିରାଜମାନ କରି ମେଳଣ ପଡ଼ିଆକୁ ଯାତ୍ରା ଆରମ୍ଭ କରିଥିଲେ। ବିଭିନ୍ନ ପ୍ରକାରର ପ୍ରଜ୍ଞାପନ ମେଢ଼ ଏହି ମେଳଣର ସବୁଠୁ ବଡ଼ ଆକର୍ଷଣ ହୋଇଥାଏ। ଚଳିତ ବର୍ଷ ବିଭିନ୍ନ ସାହିରୁ ହାତୀ, ହନୁମାନ, ବଗ,



ଜଗନ୍ନାଥ, ଶିବ ଲିଙ୍ଗ ଓ ସର୍ପ, ଶ୍ରୀରାଧା, ଛତ୍ରପତି ଶିବାଜୀ ମହାରାଜଙ୍କ ଭଳି ବିଭିନ୍ନ ମେଢ଼ ମଧ୍ୟ ଶଳଟଣରେ ଯୋଗଦେଇ ମେଳଣ ପଡ଼ିଆରେ ପହଞ୍ଚିଥିଲା। ହେଲେ ମେଳଣ କମିଟି ସଦସ୍ୟ ଓ ପୁଲିସ ପ୍ରଶାସନର ସମନ୍ୱୟ ଅଭାବରୁ ଶଳଟଣ ପ୍ରାରମ୍ଭରେ ଥିବା ପଥରପଦା ସାହିର ଯୁବକମାନଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରୀରାମଙ୍କ

### ଥରେ ଯୋଗ ନ ଦେଲେ ୧୨ ବର୍ଷ ପର୍ଯ୍ୟନ୍ତ ସାମିଲ୍ ହୋଇପାରିବେନି

ମେଢ଼ ପଡ଼ିଆରେ ପହଞ୍ଚି ପାରି ନ ଥିଲା। ଯାହାଫଳରେ ମେଳଣ କମିଟି ଓ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବ କାଳରୁ ଠାକୁରଙ୍କ ନୀତିନିୟମ ଅନୁସାରେ ଯେଉଁ ମେଢ଼ ଥରେ ପ୍ରଦର୍ଶନ ପଡ଼ିଆରେ ଯୋଗ ନ ଦିଏ, ଆସନ୍ତା ୧୨ ବର୍ଷ ପର୍ଯ୍ୟନ୍ତ ସେହି ସାହି ଦ୍ୱାରା ପ୍ରସ୍ତୁତ ମେଢ଼ ଯୋଗଦେଇପାରିବେନି ବୋଲି ନିୟମ ରହିଥିବା ଡେଲାଙ୍ଗ ଥାନା ଓଆଇସି ମମତା ବିଶ୍ୱାଳ ଜାଣିବାକୁ ପାଇଥିଲେ। ଠାକୁରଙ୍କ ନୀତିକାନ୍ତି ସମ୍ପର୍କରେ ଅବଗତ ହେବା ପରେ ଓଆଇସି ଶ୍ରୀମତୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଘୋରଡ଼ିଆ ପୁଲିସ ସହାୟତା କେନ୍ଦ୍ର ଅଧିକାରୀ କୁଳମଣି ବେହେରା ମେଳଣ କମିଟି ଓ ପଥରପଦା ସାହିର ଯୁବକ ଓ ବୟସ୍କମାନଙ୍କୁ ବୁଝାସୁଝା କରିବା ସହିତ ଶୁକ୍ରବାର ରାତ୍ରରେ ଶଳଟଣ ସହିତ ପ୍ରଦର୍ଶନ ପଡ଼ିଆରେ ଶ୍ରୀରାମଙ୍କ ମେଢ଼ ପହଞ୍ଚିଥିଲା। ତେବେ ପୁଲିସ ପ୍ରଶାସନର ଏହି ପ୍ରୟାସକୁ ମେଳଣ କମିଟି ଓ ସ୍ଥାନୀୟ ଜନସାଧାରଣ ଭୂୟସି ପ୍ରଶଂସା କରିଛନ୍ତି।

ସକାଳ THE SAKALA



# କୋରଡ଼ା ବାଣ ବିସ୍ଫୋରଣ ଘଟଣାରେ ଜଣେ ମୃତ

ନୟାଗଡ଼/ନୂଆଗାଁ,୪।୪(ସମିସ)

ନୂଆଗାଁ ଥାନା କୋରଡ଼ା ଗ୍ରାମରେ ବାଣ ବିସ୍ଫୋରଣ ଘଟଣାରେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଥିବା ୬ ଜଣଙ୍କ ମଧ୍ୟରୁ ଶନିବାର ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୀନାଗାଡ଼ିଆ ଗ୍ରାମର ବାପି ନାୟକ। ପୁଲିସ ଆଜି ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଖୋର୍ଦ୍ଧର ଦୁଇଜଣ ବାରୁଦ ବ୍ୟବସାୟୀ ରହିଛନ୍ତି। ଖୋର୍ଦ୍ଧାରୁ ବାରୁଦ ଆଣି କୋରଡ଼ାରେ ବାଣ ପ୍ରସ୍ତୁତ କରାଯାଉଥିବା ପୁଲିସ ସୂଚନା ପାଇବା ପରେ ସେମାନଙ୍କୁ ଗିରଫ କରିଛି। ଏହାସହ ସେମାନଙ୍କ ନିକଟରୁ ୫୦ କେଜି ବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହି ଦୁଇ ବାରୁଦ ବ୍ୟବସାୟୀ ହେଲେ ବାମଦେବ ଦୋରା ଓ ନିର୍ମଳ ପ୍ରସାଦ ରାମ। ଗିରଫ ଅନ୍ୟ ଦୁଇ ଅଭିଯୁକ୍ତ ହେଲେ ବାଣ ବିସ୍ଫୋରଣରେ ଗୁରୁତର ହାଡ଼ିବନ୍ଧୁ ସେଠୀଙ୍କ ସ୍ତ୍ରୀ କୁନି ଦେଇ ଓ ସହଯୋଗୀ ରମେଶ ସେଠୀ। ଶୁକ୍ରବାରଠାରୁ ପୁଲିସ ସେମାନଙ୍କୁ ଅଟକ ରଖି ପଚାରଉଚରା କରୁଥିଲା।



ଏହି ବାଣ ବିସ୍ଫୋଣରେ ୬ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ରହିଛି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲା। ସମସ୍ତଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। କୋରଡ଼ା ଗ୍ରାମର ହାଡ଼ିବନ୍ଧୁ ସେଠୀ

## ବାରୁଦ ବ୍ୟବସାୟୀ ସମେତ ୪ ଗିରଫ

ଏବଂ ତାଙ୍କ ପୁଅ ନବକିଶୋର ସେଠୀ ଦୀର୍ଘଦିନ ଧରି ବାଣ ନିର୍ମାଣ କରିବା ସହ ବ୍ୟବସାୟ କରି ଆସୁଥିଲେ। ହାଡ଼ିବନ୍ଧୁଙ୍କ ପତ୍ନୀ କୁନି ଦେଇ ଏହି କାରବାରର ମୁଖ୍ୟ କାର୍ପଟଦାର ଥିଲେ। ଆଗକୁ ଲଙ୍କାପୋଡ଼ି ଓ ପଣାଯାତ୍ରା ପାଇଁ ଅନେକ ସ୍ଥାନରୁ ବାଣ ପାଇଁ ହାଡ଼ିବନ୍ଧୁଙ୍କ ପରିବାର ବାଣ ଯୋଗାଇ ଦେବାକୁ ବହିନା ରଖିଥିଲେ। ହାଡ଼ିବନ୍ଧୁଙ୍କ ଘର ବାରିପଟ କଦଳୀ ବଗିଚା ନିକଟରେ ଥିବା କୁଡ଼ିଆରେ ବାଣ ପ୍ରସ୍ତୁତ କରାଯାଉଥିଲା। ଏହି ବିସ୍ଫୋରଣରେ ହାଡ଼ିବନ୍ଧୁଙ୍କ ସମେତ ତାଙ୍କ ପୁଅ ନବ, କୋରଡ଼ା ଗ୍ରାମର ନିରଞ୍ଜନ ନାୟକ, ମୀନାଗାଡ଼ିଆର ବାପି ନାୟକ, ମନୋଜ ନାୟକ ଓ ପଡ଼ୋଶୀ ଘରେ ରହି ପାଠ ପଢୁଥିବା ଗଞ୍ଜାମ ଅଞ୍ଚଳର ନାବାଳକ ଅମ୍ରିତ ସେଠୀ ଗୁରୁତର ହୋଇଥିଲେ। ଶନିବାର ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ବାପି ନାୟକଙ୍କ ମୃତ୍ୟୁ ଘଟିଛି। ଘଟଣାକୁ ନେଇ ନୟାଗଡ଼ ଏସ୍‌ପି ଏସ ସୁଶ୍ରୀ କଡ଼ା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଇଟାମାଟି ଥାନା ଓ ସଦରଥାନା ପୁଲିସ ଗତକାଲି ୪ ଲକ୍ଷ ଟଙ୍କାର ବାଣ ଜବତ କରି ୫ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ଆଜି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ସାମନ୍ତରାୟ ସୂଚନା ଦେଇଛନ୍ତି।

## ସୀତାଙ୍କୁ ଉଦ୍ଧାର ପାଇଁ ବିଚାର ବିମର୍ଶ



ଓଡ଼ଗାଁ,୪।୪(ସମିସ): ଓଡ଼ଗାଁ ଶ୍ରୀ ରଘୁନାଥଜୀଉଙ୍କ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରାର ଅଷ୍ଟମ ସନ୍ଧ୍ୟା ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଛି। ପ୍ରଭୁଙ୍କ ''ଅଷ୍ଟାବଧାନ' ବେଶ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସୀତାଙ୍କୁ ଉଦ୍ଧାର ପାଇଁ ଶ୍ରୀରାମଙ୍କ ବିଚାର ବିମର୍ଶ ଓ ଯୋଜନା ପ୍ରସ୍ତୁତି ଚିତ୍ରଣ କରାଯାଇଥିଲା। ରବିବାର ସନ୍ଧ୍ୟାରେ ଶ୍ରୀଜିଉଙ୍କ ଯୁଦ୍ଧଯାତ୍ରା ବେଶ ସହ ରାବଣପୋଡ଼ି ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ମିଳିଛି।

## ରଘୁ-ଦିବାକରଙ୍କ ସହିଦ ଦିବସ ପାଳିତ



ନୟାଗଡ଼,୪।୪(ସମିସ): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ରଘୁ-ଦିବାକରଙ୍କ ସହିଦ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ବିଶିଷ୍ଟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷ ନିରୁପମା ଖଟେଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଏଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଯୋଗଦେଇଥିଲେ। ପ୍ରାରମ୍ଭରେ ରଘୁ-ଦିବାକରଙ୍କ ଫଟୋଚିତ୍ରରେ ଅତିଥି ମାଲ୍ୟାର୍ପଣ କରିଥିଲେ। ବାଚସ୍ପତି ପାଢ଼ୀ ଜିଲ୍ଲାର ବିକାଶ ପରିକଳ୍ପନା କରି କ'ଣ କ'ଣ ପଦକ୍ଷେପ ନିଆଯାଇପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଖଣ୍ଡପଡ଼ା ବିଧାୟକ ସ୍ୱାଇଁ ନୟାଗଡ଼ ସହରରେ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ରଖିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଖଟେଇ ଜିଲ୍ଲା ବିକାଶ ଦିଗରେ ନିଜର ମତାମତ ରଖିଥିଲେ। ଇତିହାସ ପଢ଼ି ପଠାଣି ସାମନ୍ତ ଏବଂ ମହାପୁରୁଷଙ୍କ ବିଷୟରେ ଜ୍ଞାନ ଆହରଣ କରିବାକୁ ଜିଲ୍ଲାପାଳ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ।

## ଓଡ଼ିଆ ନାମଫଳକ ପାଇଁ ସଚେତନତା



ନୟାଗଡ଼,୪।୪(ସମିସ): ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ଓଡ଼ିଆରେ ନାମ ଫଳକ ଲେଖିବା ପାଇଁ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ ହୋଇଛି।

ଏହି ଅବସରରେ ଏକ ସଚେତନତା ରଥ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସହକାରୀ ଶ୍ରମ ଅଧିକାରୀ ପୂଜାରିନ୍ ସାମଲ, ଅବଦୁଲ କାଦିର ଖାନ, ଜ୍ଞାନରଞ୍ଜନ ସାହୁ, ମୋନିକା ସେଠ, ଶ୍ରମ କାର୍ଯ୍ୟାଳୟ କର୍ମଚାରୀ ଏବଂ ବିଭିନ୍ନ ଶ୍ରମିକ ସଂଗଠନ କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇ ନୟାଗଡ଼ ସହର ପରିକ୍ରମା କରିଥିଲେ।

## କାଳବୈଶାଖୀ ପ୍ରଭାବରେ ଉପୁଡ଼ିଲା ଗଛ

ଓଡ଼ଗାଁ,୪।୪(ସମିସ): ଶନିବାର ଅପରାହ୍ନରେ ଓଡ଼ଗାଁ ବ୍ଲକ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ଓଡ଼ଗାଁ-

**● ରାଜ୍ୟ ରାଜପଥ ଅବରୋଧ**
**● ଦୋକାନ କ୍ଷତିଗ୍ରସ୍ତ, ଯାତ୍ରା ପ୍ରଭାବିତ**

ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥର ତିନିଟି ସ୍ଥାନରେ ଗଛ ଉପୁଡ଼ିବା ସହ ଡାଳ ପଡ଼ି ଦେଢ଼ ଘଣ୍ଟାରୁ ଅଧିକ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କୋମଣ୍ଡ-ରୋହିବାଙ୍କ, ରୋହିବାଙ୍କ-ବାଘୁଆଛକ ଓ ବାଘୁଆଛକ-ସମ୍ବବମଧ ରାସ୍ତାରେ ଗଛ ପଡ଼ିବାରୁ ଦୁଇପଟେ ବହୁ ଗାଡ଼ି ଦୀର୍ଘ ସମୟ ଧରି ଅଟକି ରହିଥିଲା। ଓଡ଼ଗାଁ ଦମକଳ ବାହିନୀ ପହଞ୍ଚି କୋମଣ୍ଡ-ରୋହିବାଙ୍କ ମଧ୍ୟରେ ପଡ଼ିଥିବା ଆମ୍ବଗଛ କାଟି ହଟାଇଥିଲେ। ସମ୍ବବ ଅଞ୍ଚଳରେ



ପଡ଼ିଥିବା ଡାଳ ମଧ୍ୟ ହଟାଯାଇଥିଲା। ଅନ୍ୟ ସ୍ଥାନରେ ସ୍ଥାନୀୟ ଲୋକେ ଜେସିବି ସହାୟତାରେ ଗୋଟିଏ ବଡ଼ ଡାଳକୁ ରାସ୍ତାରୁ ହଟାଇବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏଥିସହିତ ରାଜପଥ ପାର୍ଶ୍ୱରେ ଥିବା ଏକ ଦୋକାନ ଘର ଉପରେ ବଡ଼ ଚାକୁଣ୍ଡା ଗଛର ଡାଳ ଭାଙ୍ଗି ପଡ଼ିବାରୁ ଦୋକାନର ଆଜବେଷ୍ଟସ ଛାତ ଭାଙ୍ଗି ଯାଇଥିଲା। ହେଲେ ସେଠାରେ ଉପସ୍ଥିତ ଲୋକେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଅନ୍ୟପଟେ ଏହାର କିଛି ସମୟ ପରେ ପୁନର୍ବାର ବର୍ଷା ପବନ ଆରମ୍ଭ ହୋଇଥିବାରୁ ଶ୍ରୀରାମ ନବମୀ ଯାତ୍ରା ଉପରେ ଏହାର ପ୍ରଭାବ ପଡ଼ିଛି। ଶୁକ୍ରବାର ସନ୍ଧ୍ୟାରେ ବର୍ଷା ଫଳରେ ଶ୍ରଦ୍ଧାଳୁମାନେ ବିଳମ୍ବରେ ଯାତ୍ରାସ୍ଥଳରେ ପହଞ୍ଚିଥିଲେ। ଶନିବାର ଅଧିକ ବର୍ଷା ଓ ପବନ ଯୋଗୁଁ ଲୋକେ ଘରୁ ବାହାରି ନ ଥିଲେ।

## ନିଷ୍ଠା ଓ ଭକ୍ତିର ଉପାସନା ଦଣ୍ଡପର୍ବ

କଣ୍ଟିଲୋ,୪।୪(ସମିସ): କଣ୍ଟିଲୋ କୃଷ୍ଣେଶ୍ୱରପାଟଣା, ଫକୀର ଅଡ଼ିବୁଦ୍ଧି ପାଟଣା ଓ ନିକଟସ୍ଥ ବଡ଼ବାଣପୁର, ପାଟଣା, ଘଣାଶାଳିଆ ଗ୍ରାମରେ ଦଣ୍ଡପର୍ବ ଆରମ୍ଭ ହୋଇଛି। ଏଥିପାଇଁ ଶୁକ୍ରବାର ବିଳମ୍ବିତ ରାତିରେ ପାଣିତୋଳା ହୋଇଛି। ଗ୍ରାମର ମଙ୍ଗଳାଙ୍କ କୋଠିରେ ମାନସିକଧାରୀ ଦଣ୍ଡୁଆମାନେ ଏକତ୍ର ହୋଇ ପରିବାରଠାରୁ ଦୂରରେ ରହି ଦିନରେ ଗୋଟିଏ ଥର ପଣା ସେବନ କରି ଅତ୍ୟନ୍ତ ନିଷ୍ଠା ଓ ଭକ୍ତିର ସହ ଏହି ବ୍ରତ ପାଳନ କରିଥାନ୍ତି। ପ୍ରତିଦିନ ଅପରାହ୍ନରେ ମା' କାଳୀଙ୍କ ପ୍ରତିମାଙ୍କୁ ଗୌରୀ ବେତରେ ବିଜେ କରାଯାଇ ସ୍ନାନନୀତି ପରେ ଗ୍ରାମ ପରିକ୍ରମା କରାଯାଇଥାଏ। ପ୍ରତ୍ୟେକ ପରିବାର ବିଭିନ୍ନ ଉପଚାରରେ ପୂଜାର୍ଚ୍ଚନା ସହ ମା'ଙ୍କୁ ସ୍ୱାଗତ କରିଥାନ୍ତି। ଘଣ୍ଟଘଣ୍ଟା, ଛତ୍ର, ଛତ୍ରୀ, ମଶାଲ ଓ ଢୋଲବାଦ୍ୟ ତାଳେ ତାଳେ ମା' କାଳୀଙ୍କ ଗ୍ରାମ ବିଜେ ପ୍ରତ୍ୟେକ ଗ୍ରାମରେ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି କରୁଛି।

## ରଘୁ-ଦିବାକରଙ୍କ ଫାଶୀ ଦିବସରେ ରକ୍ତଦାନ, ସ୍ୱାସ୍ଥ୍ୟ ଶିବିର

ରଣପୁର,୪।୪(ସମିସ): ବ୍ରିଟିଶ ଶାସନ ବିରୋଧରେ ଲଢ଼ି ପ୍ରାଣବଳି ଦେଇଥିବା ରଣପୁରର ବୀର ସହିଦ ରଘୁ-ଦିବାକରଙ୍କ ଫାଶୀ ଦିବସରେ ଲୋଧାଚୁଆ ସହିଦ ରଘୁ-ଦିବାକର ଆଞ୍ଚଳିକ ସ୍ମୃତି କମିଟି ତରଫରୁ ଶନିବାର ଲୋଧାଚୁଆ ପଞ୍ଚାୟତ କାର୍ଯ୍ୟାଳୟ, ଦହିଖାଇ ଯୁବକ ସଂଘ ପ୍ରାଙ୍ଗଣ ଏବଂ ପଞ୍ଚୁଦୋଳ ପଡ଼ିଆସ୍ଥିତ ରଘୁ-ଦିବାକର ମଣ୍ଡପରେ ପୁଷ୍ପମାଲ୍ୟାର୍ପଣ କରି



ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଲୋଧାଚୁଆ ପଞ୍ଚାୟତ କାର୍ଯ୍ୟାଳୟ ସଭାକକ୍ଷରେ ଏକ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଶରତ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲ୍ଲା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ସରପଞ୍ଚ ସ୍ମିତା ରାଉତରାୟ, ସମ୍ପାଦକ ନେତ୍ରାନନ୍ଦ ମହାନ୍ତି, ଲେଖକ ଦେବୀପ୍ରସାଦ ସାମନ୍ତରାୟ, ସମାଜସେବୀ ପ୍ରଫୁଲ୍ଲ ନାୟକ, ସୁରେଶ ସ୍ୱାଇଁ, ସମିତି ସଭ୍ୟ ମୀନକେତନ ନାୟକ, ପ୍ରଫୁଲ୍ଲ ସାହୁ, ସୂର୍ଯ୍ୟନାରାୟଣ ପ୍ରଧାନ ଓ ରବୀନ୍ଦ୍ର କୁମାର ନାୟକ, ବିଶ୍ୱରଞ୍ଜନ ପଟ୍ଟନାୟକ, ଲିଙ୍ଗରାଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ସହିଦ ପରିବାର ତରଫରୁ ଡା. ଦେବାଶିଷ ପରିଡ଼ା, ଗିରିଜା ମହାନ୍ତି ଓ ଦିବାକର ପୃଷ୍ଟିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୯ ଛାତ୍ରଛାତ୍ରୀ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଦହିଖାଇ ଯୁବକ ସଂଘ ପ୍ରାଙ୍ଗଣରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଡା. ଦେବାଶିଷ ପରିଡ଼ା ଏହାକୁ ଉଦଘାଟନ କରିଥିଲେ। ନୟାଗଡ଼ ବ୍ଲଡ ବ୍ୟାଙ୍କ ଜରିଆରେ ୧୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହାସହ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଲୋୟେଲା ୱେଲଫେୟାର ଫାଉଣ୍ଡେସନ ଆନୁକୂଲ୍ୟରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପ୍ରାୟ ୫୦ ଜଣ ଲୋକଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯାଇଛି। ଲକ୍ଷ୍ମୀକାନ୍ତ ଜୟସିଂହଙ୍କ ଦ୍ୱାରା ପ୍ରାୟ ୧୦ ଜଣ ପୁରୁଣା ଆଣ୍ଠୁଗଣ୍ଠି ଜନିତ ରୋଗୀ ଆଧୁନିକ ଥେରାପି ପ୍ରଣାଳୀରେ ଚିକିତ୍ସିତ ହୋଇଛନ୍ତି। ସୁନାଖଳାଠାରୁ ଚାନ୍ଦପୁର ରାସ୍ତାକୁ ସହିଦ ରଘୁ-ଦିବାକରଙ୍କ ନାମରେ ନାମିତ କରିବା ପାଇଁ ସ୍ମୃତି କମିଟି ପକ୍ଷରୁ ଦାବି କରାଯାଇଛି। ଏ ନେଇ ସରକାରଙ୍କୁ ବିଧିବଦ୍ଧ ଭାବେ ଅନୁରୋଧ କରାଯିବ ବୋଲି ଘୋଷଣା କରାଯାଇଛି।

## ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ



ଖଣ୍ଡପଡ଼ା,୪।୪(ସମିସ): ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଆରମ୍ଭ କରାଯାଇଥିବା ବେଳେ ଶନିବାର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଖଣ୍ଡପଡ଼ା ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ଅଧ୍ୟକ୍ଷତାରେ ୨୫ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ନେଇ ଖଡ଼ିଛୁଆଁ କାର୍ଯ୍ୟକ୍ରମ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ, ବିଇଓ କୈଳାସ ଚନ୍ଦ୍ର କର, ଏବିଇଓ ପ୍ରଦୀପ କୁମାର ଦାସ, କଳିଙ୍ଗ ଚନ୍ଦ୍ର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ ପ୍ରମୁଖ ଯୋଗଦେଇ କୁନି ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ବାଇକ୍‌କୁ ଧକ୍କାଦେଇ ଓଲଟିଲା ଟ୍ରକ୍

ଗଣିଆ,୪।୪(ସମିସ): ଦଶପଲ୍ଲା-ଗଣିଆ ରାସ୍ତାରେ ଏକ ଟ୍ରକ ଦ୍ରୁତ ଗତିରେ ଆସି ମାଛୁଆ ନିକଟରେ ବାଇକ୍‌କୁ ମୁହାଁମୁହିଁ ଧକ୍କା ଦେବା ପରେ ଓଲଟି ପଡ଼ିଛି। ବାଇକ୍ ଆରୋହୀ ଏବଂ ପଛରେ ବସିଥିବା ତାଙ୍କ ଭାଇ ଗାଡ଼ିରୁ ଡେଇଁପଡ଼ି ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୁର୍ଘଟଣା ଘଟାଇ ଟ୍ରକ ଡ୍ରାଇଭର ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ପୁଲିସ ଜିମା ଦେଇଛନ୍ତି। ଘଟଣାସ୍ଥଳରେ ଗଣିଆ ଥାନା ଏସଆଇ ଶ୍ୟାମସୁନ୍ଦର ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

ମହିତମା ଗ୍ରାମର ପ୍ରଦୀପ କୁମାର ପରିଡ଼ା ଏବଂ ତାଙ୍କ ଭାଇ ସୁକାନ୍ତ କୁମାର ପରିଡ଼ା କୌଣସି କାମରେ ଗଣିଆ ଆସି ଘରକୁ ଫେରୁଥିଲେ। ମାଛୁଆଠାରେ ବିପରୀତ ଦିଗରୁ ଆସୁଥିବା ଏକ ଦଶ ଚକିଆ ଟ୍ରକ୍ ବାଇକ୍ ଆଡ଼କୁ ମୁହାଁଉଥିବା ଦେଖି ଆରୋହୀ ଜଣକ ବାଇକ୍ ଛାଡ଼ି ଡେଇଁ ପଡ଼ିଥିଲେ। ଦୁର୍ଘଟଣାରେ ବାଇକର ଆଗଚକ ଛିଣ୍ଡି ଯାଇଥିବା ବେଳେ ଟ୍ରକ ଓଲଟି ପଡ଼ିଛି। ଅତ୍ୟଧିକ ମଦ୍ୟପାନ କରିଥିବା ଟ୍ରକ୍ ଚାଳକଙ୍କୁ ଗଣିଆ ପୁଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ ଗତକାଲି ଗଣିଆ-ଦଶପଲ୍ଲା ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଆଜି ଏଭଳି ଘଟଣାରେ ଅଞ୍ଚଳବାସୀ ଭୟଭୀତ ହୋଇଯାଇଛନ୍ତି। ଦୁର୍ଘଟଣା ଘଟିଥିବା ସ୍ଥାନଟି ସମ୍ପୂର୍ଣ୍ଣ ଅନ୍ଧକାର ହୋଇଥିବାରୁ ସେଠାରେ ଆଲୁଅ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ୭ ଫୁଟ ଲମ୍ବ ଅହିରାଜ ଉଦ୍ଧାର

ରଣପୁର,୪।୪(ସମିସ): ରଣପୁର ବ୍ଲକ ଚମ୍ପାପେଢ଼ି ଗ୍ରାମ ନୂଆସାହିର ଗୋବର୍ଦ୍ଧନ ମାର୍ଥାଙ୍କ ଘର ବାରିପଟୁ ଶନିବାର ଏକ ୭ ଫୁଟ ଲମ୍ବ ଅହିରାଜ ଉଦ୍ଧାର ହୋଇଛି। ପରିବାର ଲୋକେ ସାପକୁ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ସାପ ଉଦ୍ଧାରକାରୀ ଦଳର ପ୍ରଦୀପ ପରିଡ଼ା, ଫରେଷ୍ଟର ତପନ ଓ ଗାର୍ଡ କୁମୁଦିନୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ସାପକୁ ନିକଟସ୍ଥ ଭେଟଭର କହିଲାମୁଣ୍ଡା ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

**● ପୌର ପରିଷଦ କୋଠାରେ ନାହିଁ ଇନଭର୍ଟର**

## ଗରମରେ କଲବଲ ୮୬ ଶିକ୍ଷକ



ନୟାଗଡ଼,୪।୪(ସମିସ): ନୟାଗଡ଼ ପୌର ପରିଷଦ ପକ୍ଷରୁ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ କରାଯାଇଛି। ଏହା ମଧ୍ୟରେ ଅଫିସ କାର୍ଯ୍ୟାଳୟଠାରୁ ଆରମ୍ଭ କରି ସଭାଗୃହ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ହୋଇଛି। କିନ୍ତୁ ଇନଭର୍ଟର ବ୍ୟବସ୍ଥା କରିବାକୁ ପୌର ପରିଷଦ ଭୁଲିଯାଇଛି। ଶନିବାର ଉକ୍ତ କୋଠା ସଭାଗୃହରେ ଜନଗଣନା ପାଇଁ ୮୬ ଶିକ୍ଷକଙ୍କୁ ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁଁ ଶିକ୍ଷକମାନେ ଦ୍ୱିତୀୟ ମହଲରେ ଥିବା ଉକ୍ତ ସଭାଗୃହରେ ଅସହ୍ୟ ନିର୍ଯାତନା ଭୋଗିଥିଲେ। ଅଭିଯୋଗ କଲେ ବି ପୌର କର୍ମଚାରୀ କୌଣସି ପଦକ୍ଷେପ ନେଇ ନ ଥିଲେ। ପୌର କର୍ମଚାରୀ ବିକଳ ଅବସ୍ଥାରେ ଖାଲି ବିଦ୍ୟୁତ୍ ବିଭାଗକୁ ଯୋଗାଯୋଗ କରୁଥିଲେ। ଜନଗଣନା ପାଇଁ ଆସିଥିବା ଅର୍ଥରେ ଜେନେରେଟର୍ ବ୍ୟବସ୍ଥା ମଧ୍ୟ କରାଗଲା ନାହିଁ। ଏହି ଜନଗଣନା ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଉଦଘାଟନ କରିଥିଲେ। ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସିଆରସିସି ପ୍ରଦୀପ୍ତ କୁମାର ପଣ୍ଡା, ବ୍ରଜକିଶୋର ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

**ଜିଲ୍ଲା ଶିକ୍ଷା ବିଭାଗର ଅଦୂରଦର୍ଶିତା**

## ଖଡ଼ିଛୁଆଁ ପାଲଟିଲା ଖରାଛୁଆଁ



ନୟାଗଡ଼,୪।୪(ସମିସ)

ଖଡ଼ିଛୁଆଁ କାର୍ଯ୍ୟକ୍ରମ ପାଲଟିଲା ଖରାଛୁଆଁ। କାର୍ଯ୍ୟକ୍ରମରେ ବିଳମ୍ବ ଯୋଗୁଁ କୋମଳମତି ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଅତିଥି ଅସହ୍ୟ ଗରମରେ କଲବଲ ହୋଇଛନ୍ତି। ଏପରିକି ପରିସ୍ଥିତି ଅସହ୍ୟ ହେବାରୁ ଅନେକ ଅଭିଭାବକ ଓ ଛାତ୍ରଛାତ୍ରୀ ମୁଖ୍ୟଅତିଥି ଭାଷଣ ଦେବା ବେଳକୁ ସଭାସ୍ଥଳ ଛାଡ଼ି ଚାଲି ଯାଇଥିବା ଦେଖାଯାଇଛି।

ନୟାଗଡ଼ ଜିଲ୍ଲାସ୍ତରୀୟ ଖଡ଼ିଛୁଆଁ ଉତ୍ସବ ନୟାଗଡ଼ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲ୍ଲାପାଳ ମଧୁମିତା ରଥ, ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜନ ଅବସରରେ ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଜିଲ୍ଲାପାଳ ବକ୍ତବ୍ୟ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶିକ୍ଷାର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ବାଚସ୍ପତି ଶିକ୍ଷାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିବା ସହ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ୮ଟି ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା। ତେବେ କାର୍ଯ୍ୟକ୍ରମ ବହୁ ବିଳମ୍ବରେ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୧ଟା ୫୦ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୨ଟା ୩୦ରେ ଶେଷ ହୋଇଥିଲା। କୋମଳମତି ଶିଶୁମାନେ ଖଡ଼ିଛୁଆଁ ବଦଳରେ ଖରାଛୁଆଁ ଅନୁଭବ କରିଥିଲେ। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ହାତଗଣତି ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ଦେଖାଯାଇଥିଲା। ଅଭିଭାବକ ପିଲାଙ୍କୁ ଧରି ସକାଳ ସାଢ଼େ ୬ଟାରୁ ବଜେନ୍ଦ୍ର ହାଇସ୍କୁଲ ପଡ଼ିଆକୁ ଆସି ଦୀର୍ଘ ସମୟ ଖରାରେ ଛଟପଟ ହୋଇଥିଲେ। ଜିଲ୍ଲା ଶିକ୍ଷା ବିଭାଗର ଅଦୂରଦର୍ଶିତା ପାଇଁ ଏଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲ୍ଲା ଶିକ୍ଷା ବିଭାଗ ତଥା ସମଗ୍ର ଶିକ୍ଷାକୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଥିବା ସୂଚନା ମିଳିଛି। ଜିଲ୍ଲାସ୍ତରୀୟ ଖଡ଼ିଛୁଆଁ କାର୍ଯ୍ୟକ୍ରମ, ସଚେତନତା ରଥ ଓ ପ୍ରଚାର ପ୍ରସାର ପାଇଁ ଆସିଥିବା ଏହି ଅର୍ଥରୁ ସିଂହଭାଗ ଚଲୁ କରିବା ପାଇଁ ସବୁ ବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ଶିକ୍ଷା ବିଭାଗ ଏବେ କଳୁଷିତ ହୋଇ ସାରିଥିବା ବେଳେ ଜିଲ୍ଲା ପ୍ରଶାସନ ସବୁ ଜାଣି ଅଜଣା ହେବାର ଅଭିନୟ କରୁଛି।

### ପାଠ୍ୟପୁସ୍ତକ ମିଳିବ କେବେ?

ଗଣିଆ: ଏପ୍ରିଲ୍ ୪ ତାରିଖ ସାରା ରାଜ୍ୟରେ ଖଡ଼ିଛୁଆଁ ଉତ୍ସବ ପାଳନ କରାଯାଇଛି। ଜିଲ୍ଲା ଓ ବ୍ଲକ ସ୍ତରରେ ଏହି ଉତ୍ସବ ପାଳନ କରାଯାଇଥିବା ବେଳେ ବିଦ୍ୟାଳୟ ସ୍ତରରେ ୬ ତାରିଖରୁ ପାଳନ କରାଯିବ। ଶନିବାର ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଖଡ଼ିଛୁଇଁ ଶିକ୍ଷାରମ୍ଭ କରିଛନ୍ତି। ରାଜ୍ୟର ବିଭିନ୍ନ ବ୍ଲକରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିବା ବେଳେ ଗଣିଆ ବ୍ଲକରେ ପିଲାଙ୍କୁ ବହି ମିଳିନାହିଁ। ଚଳିତବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ବହି ବଦଳି ନୂତନ ବହି ପ୍ରଚଳନ କରାଯାଇଛି। ବହି ବଦଳି ଥିବାରୁ ପୁରାତନ ବହି ଆଉ ପଢ଼ାହେବ ନାହିଁ। ତେଣୁ ଛାତ୍ରଛାତ୍ରୀମାନେ ଖାଲି ବ୍ୟାଗ ନେଇ ବିଦ୍ୟାଳୟକୁ ଯାଉଛନ୍ତି ଏବଂ ପାଠ ନ ପଢ଼ି ଘରକୁ ଫେରୁଛନ୍ତି। ଜିଲ୍ଲା ଶିକ୍ଷା ବିଭାଗର ଗଣିଆ ପ୍ରତି ଏଭଳି ବୈମାତୃକ ମନୋଭାବ କ'ଣ ପାଇଁ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏପରିକି ଚଳିତ ବର୍ଷଠାରୁ ୯ମ ଓ ଦଶମ ଶ୍ରେଣୀ ବହି ମଧ୍ୟ ସରକାର ବିଦ୍ୟାଳୟରେ ମାଗଣାରେ ଯୋଗାଇଦେବେ ବୋଲି ଘୋଷଣା କରିଛନ୍ତି। କିନ୍ତୁ ଠିକ୍ ସମୟରେ ପିଲାଙ୍କ ପାଖରେ ବହି ପହଞ୍ଚି ନ ଥିବାରୁ ସେମାନେ ମାନସିକ ଦୁଶ୍ଚିନ୍ତାରେ ଅଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଗଣିଆରେ ବହି ବଣ୍ଟନ କରିବାକୁ ସାଧାରଣରେ ଦାବି ହେଉଛି।

